## ନିଜ ଯୋଜନା ସମ୍ବନ୍ଧେ ଜାଣନ୍ତୁ

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

୧. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କ'ଣ ?

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ଓଡିଶା ସରକାରଙ୍କ ଏକ ପ୍ରୟାସ । ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ପରିବାରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ଉଦ୍ଦିଷ୍ଟ । ଏହାର ଦୁଇଟି ଅଂଶ ଯଥା –

(କ) ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆର୍ଥିକ ପରିସ୍ଥିତି ନିର୍ବିଶେଷରେ ସଂପୂର୍ଣ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ।

(ଖ) ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟଙ୍କ ଲାଗି ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତାର ଆଶ୍ୱାସନା । ସମଗ୍ର ଓଡିଶାର ୭୦ ଲକ୍ଷ ପରିବାର ଉପକୃତ ହେବେ ।

୨. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗି କିଏ ଯୋଗ୍ୟ ?

(କ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଓଡିଶାର ସମସ୍ତ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସାର୍ବଜନୀନ ମାଗଣା ସ୍ୱାସ୍ଥ୍ୟ ସେବା ଉଦ୍ଦିଷ୍ଟ ।

(ଖ) ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ଆଶ୍ୱାସନା ଲାଗି ଚଳନ୍ତି ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ର କାର୍ଡଧାରୀ ପରିବାର ତଥା ବାର୍ଷିକ ଗ୍ରାମାଂଚଳ ରେ ଟଙ୍କା ୫୦ ହଜାର ରୁ କମ୍ ଓ ସହାରଂଚଳ ରେ ଟଙ୍କା ୬୦ ହାଜାର ରୁ କମ୍ ଆୟକାରୀ ପରିବାର ଯୋଗ୍ୟ ।

୩. ଏହି ଯୋଜନାର ସୁଫଳ କ'ଣ ?

(କ) ଏହି ଯୋଜନା ଦ୍ୱାରା ଓଡିଶାର ସମସ୍ତ ଜନସାଧାରଣ ବିନା ଦେୟରେ ଡାକ୍ତରୀ ପରାମର୍ଶ, ରୋଗ ନିରୁପଣ, ଆବଶ୍ୟକୀୟ ଔଷଧ, ଡାୟାଲିସିସ୍, କର୍କଟ କେମୋ ଥେରାପି, ଅସ୍ତ୍ରପୋଚାର କକ୍ଷ, ଆଇ.ସି.ୟୁ ଓ ଅନ୍ତଚିକିତ୍ସା ଇତ୍ୟାଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ପାଇପାରିବେ ।

(ଖ) ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡଧାରୀ ପରିବାର ତଥା ବାର୍ଷିକ ଗ୍ରାମାଂଚଳ ରେ ଟଙ୍କା ୫୦ ହଜାରରୁ କମ୍ ସହରାଂଚଳ ରେ ଟଙ୍କା ୬୦ ହଜାରରୁ କମ୍ ଆୟକାରୀ ପରିବାର ସମସ୍ତ ସରକାରୀ ଓ ୨୦୮ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାଳୟରେ ବିନା ଦେୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

୪. ମାଗଣା ଚିକିତ୍ସା ସେବା କେଉଁଠାରେ ଉପଲବ୍ଧ ?

(କ) ସାର୍ବଜନୀନ ମାଗଣା ସ୍ୱାସ୍ଥ୍ୟ ସେବା ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ଉପଲବ୍ଧ ।

(ଖ) ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡଧାରୀ ପରିବାର ଦେୟମୁକ୍ତ ଚିକିତ୍ସା ସେବା ସମସ୍ତ ସରକାରୀ ତଥା ୨୦୮ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାଳୟରେ ବିନା ଦେୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

୫. ଏହି ଯୋଜନାରେ ପଞ୍ଜିକରଣ ବ୍ୟବସ୍ଥା ଅଛି କି ?

ବର୍ତମାନ ସମୟ ପାଇଁ କୌଣସି ପଞ୍ଜିକରଣର ପ୍ରାବଧାନ ନାହିଁ । ବିଜୁ କୃଷକ କଲ୍ୟାଣ ଯୋଜନା (୧ ଏବଂ ୨ ଧାରା) ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପଞ୍ଜିକୃତ ପରିବାର ତଥା ଗ୍ରାମାଂଚଳ ରେ ବାର୍ଷିକ ଟଙ୍କା ୫୦ ହଜାରରୁ କମ୍ ଓ ସହାରଂଚଳ ରେ ଟଙ୍କା ୬୦ ହାଜାର ରୁ କମ୍ ଆୟକାରୀ ପରିବାର ଏହି ଯୋଜନାର ସୁଫଳ ପାଇପାରିବେ ।

୬. ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ ସକାଶେ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ଲାଗି କୌଣସି ଦସ୍ତାବିଜ୍ ଆବଶ୍ୟକ ପଡେ କି ?

ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ଲାଗି, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ ଦାଖଲ କରିବା ଆବଶ୍ୟକ । ବିଜୁ କୃଷକ କଲ୍ୟାଣ ଯୋଜନା କିମ୍ବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସ୍ୱଳ୍ପ ଆୟ ବର୍ଗର ହିତାଧିକାରୀ ପ୍ରାଧିକୃତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅବଧି ଥିବା ଆୟ ପ୍ରମାଣ ପତ୍ର (ଗ୍ରାମାଂଚଳ ରେ ବାର୍ଷିକ ଟଙ୍କା ୫୦ ହଜାରରୁ କମ୍ ଓ ସହାରଂଚଳ ରେ ଟଙ୍କା ୬୦ ହାଜାର ରୁ କମ୍) କିମ୍ବା BPL କାର୍ଡ କିମ୍ବା ଅନ୍ତୋଦୟ ଅନ୍ନ ଯୋଜନା କାର୍ଡ ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ ଦାଖଲ କରିବା ଆବଶ୍ୟକ ।

୭. ଏହି ଯୋଜନାରେ ବୀମା କିସ୍ତି ଦେବାକୁ ପଡେ କି ?

ପଞ୍ଜିକୃତ ପରିବାରକୁ କୌଣସି ଅର୍ଥ ଦେବା ଆବଶ୍ୟକ ନାହିଁ । ରାଜ୍ୟ ସରକାର ସମସ୍ତ ପରିବାରର ସକାଶେ ଆବଶ୍ୟକ ଅର୍ଥ ପୈଠ କରନ୍ତି ।

୮. କୌଣସି ବ୍ୟକ୍ତି ଯଦି ଯୋଜନା ପୂର୍ବରୁ କୌଣସି ରୋଗରେ ପିଡିତ ଥିଲେ ଚିକିତ୍ସା ପାଇବା ଲାଗି ଯୋଗ୍ୟ କି ?

ହଁ, ପ୍ରତ୍ୟେକ ହିତାଧିକାରୀଙ୍କର ପୂର୍ବ ବ୍ୟାଧି, ଯୋଜନାର ପରିସର ଭୁକ୍ତ ।

୯. ପଞ୍ଜିକୃତ ଚିକିତ୍ସାଳୟରେ କିଏ ସହଯୋଗ କରିବେ ?

ପ୍ରତ୍ୟେକ ପଞ୍ଜିକୃତ ଚିକିତ୍ସାଳୟର ସହାୟତା କେନ୍ଦ୍ରରେ ନିୟୋଜିତ ଥିବା ସ୍ୱାସ୍ଥ୍ୟ ମିତ୍ର ପରିବାରକୁ ଚିକିତ୍ସା ପାଇବା ଲାଗି ସଂପୂର୍ଣ ସହଯୋଗ ପ୍ରଦାନ କରିବେ ।

୧୦. ଏହି ଯୋଜନାର ଦେୟମୁକ୍ତ ଯୋଗାଯୋଗ ବ୍ୟବସ୍ଥା ଅଛି କି ?

ଯୋଜନା ସମ୍ବନ୍ଧେ ସବିଶେଷ ତଥ୍ୟ ତଥା ଅଭିଯୋଗ ଲାଗି ଦେୟମୁକ୍ତ ଯୋଗାଯୋଗ ନଂ. ୧୫୫୩୬୯ ରେ ଯେକୌଣସି ବ୍ୟକ୍ତି ସକାଳ ୬ ରୁ ରାତି ୧୦ ପର୍ଯ୍ୟନ୍ତ ସଂପର୍କ କରି ପାରିବେ ।